# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 April – 2026**

# ସଂସଦ-ସମ୍ବିଧାନ ସଂଶୋଧନ ବିଲ୍

ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଲୋକସଭାରେ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ଦୁଇ-ତୃତୀୟାଂଶ ସମର୍ଥନ ମିଳିପାରି ନାହିଁ । ଗତ ଦୁଇଦିନ ଧରି ସଂସଦର ଉଭୟ ଗୃହରେ ସରକାରଙ୍କ ପକ୍ଷରୁ ଆଗତ ବିଲ୍‌ରେ ବିତର୍କ ହୋଇଥିଲା ଏବଂ ଶେଷରେ ଭୋଟ୍ ନିଆଯାଇଥିଲା । ବିଲ୍ ସପକ୍ଷରେ ୨୯୮ ଜଣ ସଦସ୍ୟ ଏବଂ ବିପକ୍ଷରେ ୨୩୦ ଜଣ ସଦସ୍ୟ ଭୋଟ୍ ଦେଇଥିଲେ । ୫୪୩ ସଦସ୍ୟ ବିଶିଷ୍ଟ ଲୋକସଭାରେ ବିଲ୍ ଗୃହୀତ ହେବା ପାଇଁ ୩୫୨ଜଣ ସଦସ୍ୟଙ୍କର ସମର୍ଥନର ଆବଶ୍ୟକତା ଥିଲା । ମହିଳାଙ୍କ ନିମନ୍ତେ ଲୋକସଭା ଓ ବିଧାନସଭା ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଧେୟକ  ସହିତ ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ୨୦୨୬ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ବିଧେୟକ ସଂଶୋଧନ-୨୦୨୬କୁ ସଂସଦର ମଂଜୁରୀ ମିଳିପାରି ନାହିଁ ।

# ମୁଖ୍ୟମନ୍ତ୍ରୀ-ଅନୁଗୁଳ ମହୋତ୍ସବ

ତ୍ରୟୋଦଶ ଅନୁଗୁଳ ମହୋତ୍ସବ ଗତକାଲିଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କହିଛନ୍ତି, ଜିଲ୍ଲାର ବିସ୍ତୀର୍ଣ୍ଣ କୋଇଲାଖଣି ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁଁ ଅନୁଗୁଳ ଜିଲ୍ଲା ରାଜ୍ୟର ଶକ୍ତିକେନ୍ଦ୍ର ଭାବେ  ପରିଚିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୫୯ କୋଟି ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ତାଳଚେର କୋଲ୍ ଗ୍ୟାସିଫିକେସନ ପ୍ଲାଣ୍ଟ, ଉର୍ଜା ସୁରକ୍ଷା ଓ ନିଯୁକ୍ତିର ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପାରାଦୀପରୁ ରାଉରକେଲା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ଯୋଜନା ରାଜ୍ୟ ଅର୍ଥନୈତିକ ବିକାଶକୁ ନୂତନ ଗତି ଦେବ ଏବଂ ଏହାର କେନ୍ଦ୍ରସ୍ଥଳ ଭାବେ ଅନୁଗୁଳ ଜିଲ୍ଲା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ସିଏମ୍ କିଷାନ

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆସନ୍ତା ସୋମବାର ଦିନ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ସହିତ ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ରାଜ୍ୟର ୪୧ ଲକ୍ଷ ୬୮ ହଜାରରୁ ଅଧିକ ଚାଷୀଙ୍କୁ ଖରିଫ୍ ସହାୟତା ବାବଦରେ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରିବେ । କଟକସ୍ଥିତ କେନ୍ଦ୍ରୀୟ

ଧାନଗବେଷଣା କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଅନୁଷ୍ଠିତ ହେବ ।

## ତାଳଚେର ସାରକାରଖାନା

ତାଳଚେର ସାର କାରଖାନାକୁ ୨୦୨୭ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି। ଚଳିତବର୍ଷ ଶେଷ ସୁଦ୍ଧା ବିଦ୍ୟୁତ ବିତରଣ କମ୍ପାନୀ ଓପିଟିସିଏଲ୍ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟା ଶେଷ ପାଇଁ ପ୍ରତିଶ୍ରୁତି ମିଳିଛି । ତାଳଚେର ସାରକାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରାଯାଉଥିବା ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ।

## ସମୀକ୍ଷା

ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । ନିର୍ମାଣାଧୀନ ଥିବା ୨୫୦ଟି ପ୍ରକଳ୍ପକୁ ଆସନ୍ତା ୬ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକର କୋଠା ନିର୍ମାଣ ଓ

ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଶକ୍ତି ଚାହିଦା

ଗ୍ରୀଷ୍ମଋତୁରେ ଶକ୍ତି ଚାହିଦାର ସୁନିଶ୍ଚିତ କରାଇବା ଏବଂ ପ୍ରସ୍ତୁତି ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ୍ ମାସ ପାଇଁ ରାଜ୍ୟର ସର୍ବାଧିକ ଶକ୍ତି ଚାହିଦା ୬ ହଜାର୮୭ ମେଗାୱାଟ୍ ରହିଛି ଏବଂ ଆସନ୍ତା ମଇମାସରେ ୬ ହଜାର ୨୦୦ ଏବଂ ଜୁନ୍ ମାସରେ ୬ ହଜାର ୧୦୦ ମେଗାୱାଟ୍ ଶକ୍ତିର ଆବଶ୍ୟକତା ରହିଥିବା ବୈଠକରୁ ଜଣାପଡ଼ିଛି ।

## ହୋଲ୍ଡିଂ ଟ୍ୟାକ୍ସ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆରରୋଡ୍‌ର ରାଜସ୍ୱ ସଂଗ୍ରହ, ବର୍ଜ୍ୟବସ୍ତୁ ପରିଚାଳନା, ସହରୀ ବିକାଶ ଯୋଜନା ଏବଂ ପିଏମ୍ ଆବାସ ଯୋଜନାର ସମୀକ୍ଷା କରାଯାଇଥିଲା । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ କ୍ଷେତ୍ରରେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ-ଏନ୍‌ଏସି ରାଜ୍ୟରେ ପ୍ରଥମ ସ୍ଥାନ ଓ ଖଡ଼ିଆଳ ଏନ୍‌ଏସି ଦ୍ୱିତୀୟ ସ୍ଥାନ ପାଇଛି । ନୂଆପଡ଼ା ଏନ୍‌ଏସି ଧାର୍ଯ୍ୟ ଲକ୍ଷ୍ୟଠାରୁ ୧୩୮ ପ୍ରତିଶତ ଏବଂ ଖଡ଼ିଆଳ

ଏନ୍‌ଏସି ୧୩୫ ପ୍ରତିଶତ ଅଧିକ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲା ରାଜ୍ୟର ପ୍ରଥମ ସ୍ଥାନ ହାସଲ କରିଛି।

# ବିଶ୍ୱ ଐତିହ୍ୟ ଦିବସ

ଆଜି ବିଶ୍ୱ ଐତିହ୍ୟ ଦିବସ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ମିଳିତ ଜାତିସଂଘର ୟୁନେସ୍କୋ ସଂସ୍ଥା ପକ୍ଷରୁ ୧୯୮୨ ମସିହାଠାରୁ ନିଷ୍ପତ୍ତି ନେଇଥିଲା । ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ଏହି ଦିବସର ବାର୍ତ୍ତା ରହିଛି **'ପ୍ରାକୃତିକ ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦଗ୍ରସ୍ତ ଐତିହ୍ୟ'** ।

ବର୍ତ୍ତମାନ ସୁଦ୍ଧା ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବାବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନ ଗୁଡ଼ିକୁ ଏଥିରେ ସାମିଲ କରାଯାଉଛି।

# ଫୁଟ୍‌ବଲ୍

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ସିଏମ୍ କପ୍-୨୦୨୬ ଫୁଟ୍‌ବଲ୍ ମ୍ୟାଚ୍ ଶେଷ ହୋଇଛି । ପ୍ରଥମ

ମ୍ୟାଚ୍‌ରେ ଡିପିଏସ୍ ସ୍କୁଲ୍ ବାଳକ ବିଭାଗ’ ସୋଡାକ୍ ଟାଇଗର ଦଳକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ କ୍ଲୋରୋଫିଲ୍ ବିଦ୍ୟାଳୟ’ ସେଣ୍ଟ୍ ଜାଭିୟର୍ସଙ୍କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି ।

.......................................................................